# ସ୍ୱାଗତଂ

ନବବର୍ଷ ତୁମ ରଂଗ ଅଧରେ
ଲାଲିମାକୁ ଦିଅ ବୋଳି
ସିଗ୍ଧ ଶୀତଳ କନକ ଚଂପା
ଗଭାରେ ଉଠିବ ଲୁଳି
ତୁମେ ଶୀତ ରଥେ ଚଢି ଆସ
ତୁମେ ଅଧରେ ଫୁଟାଅ ହସ
ଅଳପ ତୁମରି ଅଧର ଫାଙ୍କରୁ
ସଂଗୀତ ଉଠୁ ଲୁଳି ।

ତୁମେ ନୂଆବର୍ଷ ଆଗୋ
ମଧୁ ସଂଚରି ଯାଅ
ଆତଙ୍କବାଦର କଫିନ ନୁଆଁଇ
ଶାନ୍ତିର ବାର୍ତ୍ତା ଦିଅ
ତୁମେ ଅଭିନନ୍ଦିତ ହୁଅ
ତୁମେ ଅଭିମନ୍ତ୍ରିତ ହୁଅ
ଅର୍ଦ୍ଧ ନିମୀଳିତ କମଳ ନୟନୁ
ଆନନ୍ଦ ଅଶ୍ରୁ ରାଅ ।

ନବବର୍ଷ ତୁମେ ଆଖିର କଜ୍ଜଳେ
ହୃଦୟେ ହୃଦୟ ଯୋଡ଼
ସ୍ନେହ ଅନୁରାଗୀ ପ୍ରେମିକା ପ୍ରିୟାରେ
ତନ୍ଦ୍ରିତ ସ୍ୱପ୍ନେ ଘୋଡ଼
ଶ୍ରମିକ ତାର ଜୈତ୍ର ସଙ୍ଗୀତ ଗାଉ
ହୃଦୟ ତନ୍ତ୍ରୀ ଦୃପ୍ତେ ଦୋଳାୟିତ ହେଉ

ତୁମେ ଫୁଲରେ ଫୁଲରେ ମଧୁର ସୁହାଗେ
ଚନ୍ଦ୍ର କେତନ ଭିଡ଼ ।

ତୁମେ ଓଡ଼ଶୀର ତାନେ ସୃଜି ଯାଅ ପ୍ରିୟ
ସଂଗୀତ ଅପାସୋରା
ମୃଦୁ ଗୁଞ୍ଜନେ ଉଲ୍ଲସାଇ ଦିଅ
ବିଶ୍ୱ ନୟନ କାରା
ତୁମ ସଂଗୀତ ମଧୁ ନିକ୍ୱଣ
ତୁମ ଶାନ୍ତ ସରାଗ ଲକ୍ଷଣ
ବିଶ୍ୱ ଭାତୃପ୍ରେମେ ଅନୁବନ୍ଧିତ
ଅଖିଳ ବିଶ୍ୱ ସାରା ।

ନବବର୍ଷ ତୁମେ ଜନନୀର ପଦେ
କୁସୁମ ଦିଅ ବିଛାଇ
ଶସ୍ୟ ଭାରରେ କେଦାର ପାଦପ
ଶିର ଯାଉ ସଦା ନଇଁ
ଆମେ ତୁମରେ ସ୍ୱାଗତ କରୁ
ତୁମ ପଥର କୁସୁମ ଲୋଡୁ
ତୁମେ ଆସିଗଲେ ବସନ୍ତ ରଥରେ
ବାସନ୍ତୀ ପ୍ରେମେ ଆସଇ ।

❑❑❑